## ସଂକ୍ଷେପରେ

### ଚାରା ରୋପଣ କାର୍ଯ୍ୟକ୍ରମ



ବଡ଼ଅଁରପାଳ,୨୩।୪(ଡି.ଏନ.ଏ.): ବଡ଼ଅଁରପାଳ ବ୍ଲକ ନାଲ୍‌କୋନଗର ଗାନ୍ଧୀ କ୍ଲବ ଓ କାଣ୍ଡସର ସ୍କୁଲସାହି ଠାରେ ଗୁରୁବାର ସାମାଜିକ କର୍ମୀ ସଂଗଠନ ସ୍ପନ୍ଦନ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଦସ୍ୟ ବିଭୁପ୍ରସାଦ ଶତପଥୀ ଧରିତ୍ରୀ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦେବାନନ୍ଦ ନାୟକ, ମୁକେଶ ନାୟକ, ଅଭିମନ୍ୟୁ ସାହୁ, ବିକି ନାଏକ, ଅମିତ ନାଏକ, ଶୁଭମ ନାଏକ, ତରଣୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

### ଫେରାର ଅଭିଯୁକ୍ତ ଗିରଫ

ବଇଣ୍ଡା,୨୩।୪(ଡି.ଏନ.ଏ.): କିଶୋରନଗର ବ୍ଲକ ହଣ୍ଡପା ଥାନା ଗୋଲାସର ଗ୍ରାମର ଫେରାର ଅଭିଯୁକ୍ତ ସୁଶାନ୍ତ କୁମାର ପ୍ରଧାନଙ୍କୁ ଗୁରୁବାର ରାତିରେ ପୋଲିସ ଗିରଫ କରିଛି। ପୋଲିସ କହିଛି, ସୁଶାନ୍ତ ଛେଣ୍ଡିପଦା ଅଞ୍ଚଳରୁ କୋଇଲା ଚୋରି କରି ହଣ୍ଡପା ଥାନା ଅଞ୍ଚଳରେ ବିକ୍ରି କରୁଥିବାବେଳେ ତାଙ୍କ ନାମରେ ମାମଲା ଥିଲା। ହେଲେ ସେ ଦୀର୍ଘ ଦିନ ହେବ ଫେରାର ଥିଲେ। ଘରେ ଥିବା ଖବରପାଇ ହଣ୍ଡପା ଆଇଆଇସି ଲବ ବୋଡା ଚଢ଼ାଉ କରି ଗିରଫ କରିଥିଲେ। ଏ ସଂକ୍ରାନ୍ତରେ ନମ୍ବର ୭୦/୨୧ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

### ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ

ବଡ଼ଅଁରପାଳ,୨୩।୪(ଡି.ଏନ.ଏ.): ବଡ଼ଅଁରପାଳ ବ୍ଲକ ବଳରାମପ୍ରସାଦ ଗ୍ରାମର



ପ୍ରତ୍ୟକ୍ଷ ଦେବୀ ମା' ହିଙ୍ଗୁଳାଙ୍କ ଜନ୍ତାଳ ପର୍ବ ଗୁରୁବାର ପାଳିତ ହୋଇଯାଇଛି। ଅପରାହ୍ନରେ ଗ୍ରାମ ଦିଅଁ ଘରୁ ବିଭିନ୍ନ ବାଦ୍ୟ ବାଜଣାରେ ଠାକୁରାଣୀଙ୍କ ଆଲମ ଗ୍ରାମ ପରିକ୍ରମା କରାଯାଇ ପୀଠସ୍ଥଳୀକୁ ଅଣାଯାଇଥିଲା। ଏହାପରେ ଦେବୀଙ୍କ ଯଥାରୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ରାତିରେ ପଡିଆରଙ୍କୁ ସ୍ୱପ୍ନାଦେଶ ହେବା ପରେ ଗ୍ରାମର ପାହାଡ଼ ତଳେ ଅଗ୍ନି ସ୍ୱରୂପିଣୀ ଉଭା ହୋଇଛନ୍ତି। ଶୁକ୍ରବାର ଶ୍ରଦ୍ଧାଳୁମାନେ ମା'ଙ୍କ ଉଭା ସ୍ଥଳରେ ପୂଜାର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ସହଯୋଗ କରିଥିଲେ। କରୋନା କଟକଣାକୁ ପାଳନ କରି ଗ୍ରାମବାସୀ ମା'ଙ୍କ ଯାତ୍ରା ପାଳନ କରିବେ।

### ମଦ ଜବତ, ୨ ଅଭିଯୁକ୍ତ ଗିରଫ

ଛେଣ୍ଡିପଦା/ ଅନୁଗୋଳ ଅଫିସ,୨୩।୪: ଅନୁଗୋଳ ଜିଲା ଜରପଡା ଥାନା ପୋଲିସ ଶୁକ୍ରବାର ସକାଳେ ଚଢ଼ାଉ କରି ୪୦ ବୋତଲ ବିଦେଶୀ ମଦ ସହ ଏକ ବାଇକ୍ ଜବତ କରିଛି। ଏହି ଘଟଣାରେ ନିଶା ଶିଳ୍ପାଞ୍ଚଳ ଥାନା ଜାମୁଣ୍ଡାଜଙ୍ଗଲ ଗ୍ରାମର ତ୍ରିନାଥ ପ୍ରଧାନ(୨୮)ଙ୍କୁ ଗିରଫ କରାଯାଇଛି। ତ୍ରିନାଥ ବାଇକ୍ (ନଂ. ଓଡି୧୯ଏଲ-୧୬୩୧)ରେ ଜରପଡାରୁ



ମଦ କିଣି ନିଜ ଗ୍ରାମକୁ ଫେରୁଥିବାବେଳେ ଜରପଡା-ତୁକୁଡା ରାସ୍ତାରେ ପୋଲିସ ତାଙ୍କୁ ଗିରଫ କରିଥିଲା। ଏ ନେଇ ନଂ.୧୦୮/୨୧ରେ ଏକ ମାମଲା ରୁଜୁ କରାଯାଇ ତ୍ରିନାଥଙ୍କୁ କୋର୍ଟଚାଲାଣ କରାଯାଇଛି। ସେହିପରି ବନ୍ତଲା ଥାନା ଶଙ୍ଖପୁରରେ ଦେଶୀ ମଦ ରନ୍ଧା ଯାଉଥିବା ବେଳେ ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ଶଙ୍ଖପୁରର କମଳା ନାଏକ(୫୦)ଙ୍କୁ ଗିରଫ କରାଯାଇଛି। ଏଥିସହ ୪ଶହ ଲିଟର ଦେଶୀ ମଦ ଓ ୬୦ କିଲୋଗ୍ରାମ ପୋଚ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ମୋବାଇଲ ସ୍କ୍ୱାଡ୍ ଇନ୍ସପେକ୍ଟର କରୁଣାଶଙ୍କର ତିୱାରୀଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# କଟକଣା ନ ମାନି କାରବାର

- ବନ୍ଦ ଘୋଷଣାକୁ ମାନିଲେନି ବହୁ ଅମାନିଆ
- ଅନୁଗୋଳ ସହରରେ ମିଠା, ଚା' ଓ ବରା ବିକିଲେ
- ଆଜିଠୁ ସପ୍ତାହାନ୍ତ ଶଟ୍‌ଡାଉନ୍, କଠୋର ହେବ ପ୍ରଶାସନ

ଅନୁଗୋଳ ଅଫିସ, ୨୩।୪



ଅନୁଗୋଳ ସହରର ଏକ ଚା' ଦୋକାନ ନିକଟରେ କେତେଜଣ ଲୋକ ପହଞ୍ଚିଛନ୍ତି।



ଶିମିଳିପଡ଼ାସ୍ଥିତ ଏକ ପାନ ଦୋକାନରେ ପିଟିସି ଅଫିସରଙ୍କ ଗହଳି।

ଅନୁଗୋଳ ଜିଲାରେ କରୋନାର ଦ୍ରୁତ ସଂକ୍ରମଣ ଜାରି ରହିଛି। ବିଶେଷକରି ଅନୁଗୋଳ, ତାଳଚେର ଓ କିଶୋରନଗର ବ୍ଲକରୁ ଦୈନିକ ଅଧିକ ସଂଖ୍ୟକ ପଜିଟିଭ୍ ଚିହ୍ନଟ ହେଉଛନ୍ତି। ତେଣୁ ଏଠାରେ କରୋନା ଚେନ୍ ଭାଙ୍ଗିବାକୁ ଅନୁଗୋଳ ଓ ତାଳଚେର ପୌରାଞ୍ଚଳ ସହ କିଶୋରନଗରର ବଇଣ୍ଡା ବଜାରକୁ ସପ୍ତାହାନ୍ତ ଶଟ୍‌ଡାଉନ୍ ପୂର୍ବରୁ ଗୁରୁବାର ରାତି ୯ଟାରୁ ବନ୍ଦ ରଖିବା ପାଇଁ ପ୍ରଶାସନ ପକ୍ଷରୁ ଘୋଷଣା କରାଯାଇଥିଲା। ଏ ନେଇ ସମସ୍ତ ବ୍ୟବସାୟୀ, ଜନସାଧାରଣଙ୍କୁ ଡାକବାଜି ଯନ୍ତ୍ର ଯୋଗେ ଜଣାଇ ଦିଆଯାଇଥିଲା। କିନ୍ତୁ ଏହି କଟକଣାକୁ ଶୁକ୍ରବାର ଅନୁଗୋଳ ସହରରେ ଉଲ୍ଲଂଘନ କରାଯାଇଥିବା ଦେଖାଯାଇଛି। କେତେଜଣ ଅମାନିଆ ବ୍ୟବସାୟୀ ବିଭିନ୍ନ ବାହାନାରେ ସକାଳେ ଦୋକାନ ଖୋଲି କାରବାର କରିଛନ୍ତି। କିଏ ଚା' ତ ଆଉକିଏ ବରା ଓ ମିଠା ବିକ୍ରି କରିଛନ୍ତି। କିଛି କାମ ନ ଥିଲେ ମଧ୍ୟ ବହୁ ଅମାନିଆ ସହରରେ ବୁଲାବୁଲି କରିଛନ୍ତି। ତେବେ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ସମୟରେ ପ୍ରଶାସନ ଅମାନିଆଙ୍କ ପ୍ରତି କଠୋର ହେବ ବୋଲି ସୂଚନା ମିଳିଛି।

ଗୁରୁବାର ରାତି ୯ଟାରୁ ବନ୍ଦ ରହିଥିବା ତାଳଚେର ପୌରାଞ୍ଚଳ ଓ ବଇଣ୍ଡା ବଜାରରେ କଟକଣା ଉଲ୍ଲଂଘନର ସେପରି ଚିତ୍ର ଦେଖିବାକୁ ମିଳି ନ ଥିଲା। ଏଠାରେ କୌଣସି ବ୍ୟବସାୟ ପ୍ରତିଷ୍ଠାନ ଖୋଲା ନ ଥିଲା। ହେଲେ ଅନୁଗୋଳ ସହରରେ ନିୟମ ମାନିବାକୁ ଯେପରି କେହି ପ୍ରସ୍ତୁତ ନ ଥିଲେ। ଏପରି କି ପୋଲିସ ଟ୍ରେନିଂ କଲେଜ (ପିଟିସି)ରେ ପ୍ରଶିକ୍ଷଣ ପରେ କେତେଜଣ ପୋଲିସ ବାବୁ ସକାଳୁ ପାନ, ଚା ପିଇବାକୁ ଶିମିଳିପଡ଼ା ଛକକୁ ଚାଲିଆସିଥିଲେ। ସେହିପରି ମିଠା ଗଣିବା ବାହାନାରେ ଜଣେ ବ୍ୟବସାୟୀ ଦୋକାନ ଖୋଲିଥିବା ବେଳେ ସହରର ଏକ ଜଳଖିଆ ଦୋକାନରେ ପ୍ରବଳ ବେପାର ହୋଇଥିଲା। ସିଙ୍ଗଡ଼ା, କାକରା, ଆଳୁଚପ୍ ଓ ଇଡ୍‌ଲି ଥିଲେ ମଧ୍ୟ ବରା ପାଇଁ ଅମାନିଆ ଗ୍ରାହକ ଆଗ୍ରହ ଦେଖାଇବାରୁ ଦୋକାନୀ ଜଣକ ଘରୁ ବିରି ଆଣ ମଗାଇ ବରା ଛାଣି ବିକ୍ରି କରିଥିଲେ। ସେହିପରି ମାଛ ମାର୍କେଟ୍‌ରେ ଭୋରୁ ମାଛ ନେଇ କେତେଜଣ ବ୍ୟବସାୟୀ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ଜରୁରୀ କାର୍ଯ୍ୟ ନ ଥାଇ ବଜାରକୁ ଆସିଥିବା କେତେଜଣଙ୍କଠାରୁ ପୋଲିସ ଓ ପ୍ରଶାସନ ଜରିମାନା ଆଦାୟ କରିଥିଲା। ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା ହୋଇଥିବାରୁ ଏହି ସମୟରେ କେହି ଦୋକାନ ଖୋଲିଲେ କି କଟକଣା ଭାଙ୍ଗି ବୁଲାବୁଲି କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ସହରରେ ସକାଳୁ ଖୋଲାଥିବା ଏକ ମିଠା ଓ ସ୍ନାକ୍ସ ଦୋକାନ।

#### ଥାନାରେ ମାମଲା ହେବ



"କେତେଜଣ ବ୍ୟବସାୟୀ ଦୋକାନ ଖୋଲିଥିବା ଅଭିଯୋଗ ଆସିଛି। କେତେଜଣ ଲୋକ ଅଯଥାରେ ବଜାରକୁ ଆସିଥିବା ଦେଖାଯାଇଛି। ଶନିବାର ଠାରୁ କାର୍ଯ୍ୟାନୁଷ୍ଠାନକୁ ଜୋର୍‌ଦାର କରାଯିବ। ଆବଶ୍ୟକ ପଡ଼ିଲେ ଥାନାରେ ଫୌଜଦାରି ମାମଲା ରୁଜୁ କରାଯିବ।

-ଗିରିଜା ଶଙ୍କର ମଲ୍ଲିକ, ପୌରନିର୍ବାହୀ ଅଧିକାରୀ, ଅନୁଗୋଳ

#### ବ୍ୟବସାୟୀ ନିୟମ ମାନିଛନ୍ତି



"ତାଳଚେର ସହରରେ ଲଗାଯାଇଥିବା କଟକଣାକୁ ବ୍ୟବସାୟୀମାନେ ମାନିଛନ୍ତି। କେତେଜଣ ଅମାନିଆ କଟକଣା ଉଲ୍ଲଂଘନ କରିଥିବାରୁ ୧୧ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ୭ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଶନିବାର ଓ ରବିବାର ବିଭିନ୍ନ ସ୍ଥାନରେ ଯାଞ୍ଚ କରିବ।

-ରଶ୍ମିରେଖା ଅମାନ୍ତ, ପୌରନିର୍ବାହୀ ଅଧିକାରୀ, ତାଳଚେର

#### ୫ ପ୍ଲାଟୁନ୍ ଫୋର୍ସ ମୁତୟନ



"ଜିଲାର ବିଭିନ୍ନ କ୍ଲଷ୍ଟରେ ଘୋଷଣା ହୋଇଥିବା ଶଟ୍‌ଡାଉନ୍ କଡ଼ାକଡ଼ି କରିବାକୁ ପ୍ରଶାସନକୁ ପୂର୍ଣ୍ଣମାତ୍ରାରେ ପୋଲିସ ସହଯୋଗ କରୁଛି। ଏଥିପାଇଁ ଜିଲାରେ ୫ ପ୍ଲାଟୁନ୍ ଫୋର୍ସ ମୁତୟନ ରହିଛନ୍ତି। ଅମାନିଆଙ୍କୁ ସାବାଡ଼ କରିବାକୁ ପ୍ରତି ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

-ଜଗମୋହନ ମୀନା, ଏସ୍‌ପି, ଅନୁଗୋଳ

#### ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ



"ବଇଣ୍ଡା ବଜାରରେ କରୋନା ଚେନ୍ ଭାଙ୍ଗିବାକୁ ଦୋକାନଗୁଡ଼ିକୁ ଗୁରୁବାର ରାତିରୁ ବନ୍ଦ ରଖାଯାଇଛି। ଶୁକ୍ରବାର ଦିନ ତମାମ କୌଣସି ବ୍ୟବସାୟୀ ନିୟମ ଉଲ୍ଲଂଘନ କରିନାହାନ୍ତି। ସପ୍ତାହାନ୍ତ ଶଟ୍‌ଡାଉନ୍ ବେଳେ ଯଦି କେହି ଅମାନିଆ ହୁଅନ୍ତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

-ଡ. ଲକ୍ଷ୍ମୀପ୍ରସାଦ ସାହୁ, ତହସିଲଦାର, କିଶୋରନଗର

## ଜବରଦଖଲ ଉଚ୍ଛେଦ କଲା ପ୍ରଶାସନ

ଛେଣ୍ଡିପଦା,୨୩।୪(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମ ଶିମିଳିସାହି ବିଦ୍ୟାଳୟ ଖେଳପଡିଆରୁ ଶୁକ୍ରବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଶିମିଳିସାହି ମୌଜାରେ ବିଦ୍ୟାଳୟ ଖେଳ ପଡିଆ ନିମନ୍ତେ ସଂରକ୍ଷିତ ଥିବା ଖାତା ନଂ. ୧୦୦୫, ପ୍ଲଟ ନମ୍ବର ୬୨୮୩ ଓ ୬୨୮୫ରେ ଗ୍ରାମର ଜଣେ ବ୍ୟକ୍ତି ଆଜବେଷ୍ଟସ ଓ ଲୁହାଛଡ ରଖିଥିଲେ। ଫଳରେ ଉକ୍ତ ପଡିଆରେ ବିଦ୍ୟାଳୟର କୌଣସି ଉନ୍ନୟନମୂଳକ କାର୍ଯ୍ୟ ହୋଇପାରୁ ନ ଥିଲା। ଏ ନେଇ ସାହିବାସୀଙ୍କ ପକ୍ଷରୁ ପୂର୍ବରୁ ଉକ୍ତ ଜମିକୁ ଚିହ୍ନଟ କରାଯାଇ ଜବରଦଖଲ ଉଚ୍ଛେଦ କରିବା ପାଇଁ ପ୍ରଶାସନ ନିକଟରେ ଅଭିଯୋଗ କରାଯାଇଥିଲା। କିନ୍ତୁ ପଦକ୍ଷେପ ନିଆ ନ ଯିବାରୁ ସାହିବାସିନ୍ଦା ଗତ ୧୩ ତାରିଖରେ ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥକୁ ଶିମିଳିସାହିଠାରେ ଅବରୋଧ କରିଥିଲେ। ତୁରନ୍ତ ଏ ନେଇ ପଦକ୍ଷେପ ନିଆଯିବ ବୋଲି ତହସିଲଦାର କହିବା ପରେ ଅବରୋଧ ହଟିଥିଲା। ପ୍ରଶାସନ ପକ୍ଷରୁ ଜବରଦଖଲକାରୀଙ୍କୁ ନୋଟିସ ଦିଆଯାଇଥିଲା। ହେଲେ ସେ ନିଜ ସାମଗ୍ରୀ ନ ହଟାଇବାରୁ ପୋଲିସ ମୁତୟନ କରାଯାଇ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା। ମାଜିଷ୍ଟ୍ରେଟ ଭାବେ ତହସିଲଦାର ଡାନିଏଲ ଏକ୍କା, ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ଉପସ୍ଥିତ ଥିଲେ।



ପୋଲିସ ଓ ପ୍ରଶାସନିକ ଅଧିକାରୀ ଜବରଦଖଲ ହଟାଉଛନ୍ତି।

## ଦିନକରେ ୧୪୨ ପଜିଟିଭ୍ ଚିହ୍ନଟ

ଅନୁଗୋଳ ଅଫିସ, ୨୩।୪

ଅନୁଗୋଳ ଜିଲାରେ କରୋନା ସଂକ୍ରମଣ ଲଗାତର ୪ର୍ଥ ଦିନରେ ମଧ୍ୟ ଶହେ ଉପରେ ରହିଛି। ଶୁକ୍ରବାର ଜିଲାରୁ ୧୪୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୩ ହଜାର ୭୩୦ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ କିଶୋରନଗର ବ୍ଲକରୁ ସର୍ବାଧିକ ୨୪ ଜଣ ଚିହ୍ନଟ ହୋଇଥିବାବେଳେ ତାଳଚେର ପୌରାଞ୍ଚଳରୁ ୨୧, ଛେଣ୍ଡିପଦା ବ୍ଲକରୁ ୨୧, ତାଳଚେର ବ୍ଲକରୁ ୨୧, ଅନୁଗୋଳ ପୌରାଞ୍ଚଳରୁ ୧୭, ବଡ଼ଅଁରପାଳ ବ୍ଲକରୁ ୧୬, କଣିହାଁ ବ୍ଲକରୁ ୧୪, ଅନୁଗୋଳ ବ୍ଲକରୁ ୭ ଓ ଆଠମଲ୍ଲିକ ବ୍ଲକରୁ ଜଣେ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଦିନକରେ ୬୫ ଜଣ କରୋନାରୁ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

## କଟକଣାକୁ କଡ଼ାକଡ଼ି ପାଳନ କର

### ହାତଯୋଡି ଅନୁରୋଧ କଲେ ତହସିଲଦାର

ବଇଣ୍ଡା,୨୩।୪(ଡି.ଏନ.ଏ.)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଓ କିଶୋରନଗର ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ କିଛିଦିନ ହେବ କରୋନା ସଂକ୍ରମଣ ବୃଦ୍ଧି ପାଉଛି। ବ୍ଲକରେ ୬୦ରୁ ଊର୍ଦ୍ଧ୍ୱ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରଠାରୁ ଏହା ପ୍ରଶାସନର ଚିନ୍ତାର କାରଣ ପାଲଟିଛି। ବିଶେଷକରି ବଇଣ୍ଡା ବଜାର ତଥା ଆଖପାଖ ଅଞ୍ଚଳରେ ବହୁ ପଜିଟିଭ୍ ବାହାରିବା ପରଠାରୁ ପ୍ରଶାସନ ନିର୍ଦ୍ଦେଶକ୍ରମେ ବଇଣ୍ଡା ବଜାରକୁ ଗୁରୁବାର ରାତିରୁ ସୋମବାର ସକାଳ ୫ଟା ଯାଏ ବନ୍ଦ ରଖାଯାଇଛି। ତେଣୁ ସଂକ୍ରମଣ ଅନ୍ୟସ୍ଥାନରେ ଯେପରି ନ ବ୍ୟାପେ ସେଥିପାଇଁ ପ୍ରଶାସନ ପକ୍ଷରୁ ଶୁକ୍ରବାରଠାରୁ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇଛି। ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁଙ୍କ ସହ କିଶୋରନଗର ଆଇଆଇସି ପ୍ରତିଭା ମାଝି ଶୁକ୍ରବାର କିଶୋରନଗର ସଦର ମହକୁମା ଅଞ୍ଚଳରେ ପ୍ରତ୍ୟେକ ଦୋକାନ ବୁଲିବା ସହ ଦୋକାନୀ ଓ ସାଧାରଣ ଲୋକଙ୍କୁ ହାତ ଯୋଡି କଟକଣା ମାନିବାକୁ ଅନୁରୋଧ କରିଥିଲେ। ସମସ୍ତେ ମାସ୍କ ପିନ୍ଧିବା ସହ ସାମାଜିକ ଦୂରତ୍ୱ କିଭଳି ରକ୍ଷାକରିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ। କିଛିମାସ କଟକଣା ମଧ୍ୟରେ ରହିଲେ କରୋନାକୁ ହରାଇ ପରିବା ବୋଲି ତହସିଲଦାର ପ୍ରକାଶ କରିଥିଲେ। ଯେଉଁମାନେ ନିୟମ ପାଳନ ନ କରିବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।



କଟକଣା ମାନିବା ପାଇଁ ଜଣେ ବ୍ୟବସାୟୀଙ୍କୁ ହାତ ଯୋଡ଼ି ତହସିଲଦାର ଅନୁରୋଧ କରୁଛନ୍ତି।

## ୧୬୦ କୁଇଣ୍ଟାଲ ମହୁଲ ଜବତ

ଅନୁଗୋଳ ଅଫିସ, ୨୩।୪

ଅନୁଗୋଳ ଅବକାରୀ ବିଭାଗକୁ ଏକ ବଡ଼ ସଫଳତା ମିଳିଛି। ବେଆଇନ ଭାବେ ମହୁଲ ଫୁଲ ରଖିବା ଅଭିଯୋଗରେ ଜରପଡ଼ା ଥାନା ନାଉପଦା ଗ୍ରାମର ରତ୍ନାକର ସାହୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଏସ୍‌ପି ବିବେକାନନ୍ଦ ନାୟକ ସୂଚନା ଦେଇଛନ୍ତି। ଏଥିସହ ତାଙ୍କ ନିକଟରୁ ୧୬୦ କୁଇଣ୍ଟାଲ ମହୁଲ ଫୁଲ ଜବତ କରାଯାଇଛି। ଏହାର ମୂଲ୍ୟ ୪ ଲକ୍ଷ ୮୦ ହଜାର ଟଙ୍କା ହେବ ବୋଲି ସେ କହିଛନ୍ତି। ରତ୍ନାକର ବେଆଇନ ଭାବେ ନିଜ ଘରେ ଏହି ବିପୁଳ ପରିମାଣର ମହୁଲ ଫୁଲ ରଖିଥିବା ଅବକାରୀ ବିଭାଗ ଏକ ବିଶ୍ୱସ୍ତ ସୂତ୍ରରୁ ଗୁରୁବାର ସୂଚନା ପାଇଥିଲା। ପରେ ଅବକାରୀ ଡିଏସ୍‌ପି ନୈନା ବେଉରା ଓ ଇନ୍ସପେକ୍ଟର ଦିଲୀପ ବେହେରାଙ୍କ ସହ ଅନ୍ୟମାନେ ନାଉପଦାରେ ଚଢ଼ାଉ କରିଥିଲେ। ଜଣେ ବ୍ୟକ୍ତି ସିଜିନ ସମୟରେ ଗୋଟିଏ କୁଇଣ୍ଟାଲ ପର୍ଯ୍ୟନ୍ତ ମହୁଲ ଫୁଲ ଗଚ୍ଛିତ ରଖିପାରିବ ବୋଲି ଅବକାରୀ ଏସ୍‌ପି ନାୟକ କହିଛନ୍ତି। ଏହାଠାରୁ ଅଧିକ କିମ୍ବା ସିଜିନ୍ ପରେ ଯଦି କୌଣସି ବ୍ୟକ୍ତି ମହୁଲଫୁଲ ରଖନ୍ତି ତାହାକୁ ବେଆଇନ କୁହାଯିବ ବୋଲି ନାୟକ ପ୍ରକାଶ କରିଛନ୍ତି।



ପୋଲିସ ଜବତ କରିଥିବା ମହୁଲ ସହ ଗିରଫ ଅଭିଯୁକ୍ତ।

## ସାନିଟାଇଜ୍ ହେଲା ସହର

ଅନୁଗୋଳ ଅଫିସ, ୨୩।୪

ଦିନକୁ ଦିନ ବଢୁଥିବା କରୋନା ସଂକ୍ରମିତଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଗୁରୁବାର ରାତି ୯ଟାରୁ ପୌର ପ୍ରଶାସନ ପକ୍ଷରୁ ଅନୁଗୋଳ ପୌରାଞ୍ଚଳର ସମସ୍ତ ଦୋକାନ ବଜାର ବନ୍ଦ ରଖାଯାଇଛି। ସରକାରଙ୍କ ପକ୍ଷରୁ ଶନିବାର ଓ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଘୋଷଣା ହୋଇଥିବାରୁ ଏହା ପୂର୍ବରୁ ପୌରାଞ୍ଚଳକୁ ବନ୍ଦ ରଖି ଅଧିକ ସମୟ ଧରି ସାନିଟାଇଜ୍ କରିବାର ଲକ୍ଷ୍ୟ ରଖାଯାଇଥିଲା। ତଦନୁଯାୟୀ ଶୁକ୍ରବାର ସହରର ବିଭିନ୍ନ ସ୍ଥାନକୁ ଅନୁଗୋଳ ଅଗ୍ନିଶମ ବିଭାଗ ପକ୍ଷରୁ ସାନିଟାଇଜ୍ କରାଯାଇଛି। ସହରର ଗାନ୍ଧୀମାର୍ଗ, ହେମସୁରପଡ଼ା, ମାଛ ମାର୍କେଟ, ଶିମିଳିପଡ଼ା, ପିଟିସିଛକ, ତହସିଲ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ମେଡିକାଲ ଛକ, ବଜାର ଛକ ଆଦି ଅଞ୍ଚଳରେ ସାନିଟାଇଜ୍ କରାଯାଇଛି। ତେବେ ଡେଲି ମାର୍କେଟ ଯିବାକୁ ସୁବିଧା ନ ଥିବାରୁ ସାନିଟାଇଜ୍ କରାଯାଇ ନାହିଁ। ପ୍ରଶାସନ ପକ୍ଷରୁ ବ୍ୟାରିକେଡ୍ କଢ଼ାଗଲେ ସାନିଟାଇଜ୍ ପାଇଁ ଅଗ୍ନିଶମ କର୍ମଚାରୀମାନେ ସେଠାକୁ ଯାଇପାରିବେ ବୋଲି କୁହାଯାଇଛି। ଏହି କାର୍ଯ୍ୟ ପାଇଁ ସହରରେ ମୋଟ ୧୫ ହଜାର ଲିଟର ସାନିଟାଇଜର ବ୍ୟବହାର କରାଯାଇଛି। ପର୍ଯ୍ୟାୟକ୍ରମେ ଅନ୍ୟସ୍ଥାନ ଗୁଡ଼ିକକୁ ସାନିଟାଇଜ୍ କରାଯିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ ସୁବୋଧ ପ୍ରଧାନ, ଆଶୁତୋଷ ମଲ୍ଲିକ, ନିର୍ମାଲ୍ୟ ପ୍ରସାଦ ବରାଳ ଓ ରଶ୍ମିକାନ୍ତ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।




ଅଗ୍ନିଶମ ବିଭାଗ ପକ୍ଷରୁ ସହର ସାନିଟାଇଜ୍ କରାଯାଉଛି।

## ବାପିଙ୍କୁ ଉଠାଇ ଆଣିଲା ପୋଲିସ

ଅନୁଗୋଳ ଅଫିସ, ୨୩।୪

ଜଣେ ମହିଳାଙ୍କୁ ଧମକ ଦେବା ଅଭିଯୋଗରେ ଅନୁଗୋଳ ପୋଲିସ ଶୁକ୍ରବାର ଲିଙ୍ଗରାଯୋଡ଼ିର ବାପି ଓରଫ ସତ୍ୟଜିତ ପ୍ରଧାନଙ୍କୁ ଉଠାଇ ନେଇଛି। ମହିଳାଙ୍କ ଅଭିଯୋଗକୁ ଭିତ୍ତିକରି ଅନୁଗୋଳ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ବାପିଙ୍କୁ ଅଟକ ରଖାଯାଇଥିବା ପୋଲିସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଅଭିଯୋଗରେ ସମ୍ପୃକ୍ତା ମହିଳା ଦର୍ଶାଇଛନ୍ତି, ବାପି ଫୋନ୍‌ରେ ତାଙ୍କୁ ବାରମ୍ବାର ଧମକ ଦେଇଥିଲେ। ଏ ନେଇ ସେ ଭୟଭୀତ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ। ଏସ୍‌ପିଙ୍କୁ ମଧ୍ୟ ଅବଗତ କରିଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତ ବାପି ଗତବର୍ଷ ବେଆଇନ୍ ବନ୍ଧୁକ ରଖିବା ଘଟଣାରେ ଗିରଫ ହୋଇଥିଲେ। ଅନୁଗୋଳ ସ୍ପେଶାଲ ସ୍କ୍ୱାଡ୍ ବାପିଙ୍କ ନିକଟରୁ ୩ ବନ୍ଧୁକ ସହ ୯ଟି ଜୀବନ୍ତ ଗୁଳି ଜବତ କରିଥିଲା।

